ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414

ପତ୍ର ସଂଖ୍ୟା ---୨୬୭----/ସୂ.ଲୋ.ସ

ତା.୨୪/୦୬/୨୧

ଢେଙ୍କାନାଳ ଜିଲ୍ଲା କରୋନା ରୋଗୀ ମୁକ୍ତ,
ସଚେତନ ରହି ପରିସ୍ଥିତି ବଜାୟ ରଖିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ଢେଙ୍କାନାଳ,ତା-୨୪/୦୬/୨୧ - ଢେଙ୍କାନାଳ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସହଯୋଗ, କୋଭିଡ୍ ଯୋଦ୍ଧାମାନଙ୍କର ନିଷ୍ଠାପର ଉଦ୍ୟମ ଓ କର୍ତ୍ତବ୍ୟ ପରାୟଣତା ନିମନ୍ତେ ତା- ୨୪/୦୬/୨୦୨୧ ଦିନରେ ଢେଙ୍କାନାଳ ଜିଲ୍ଲା କରୋନା ରୋଗୀମୁକ୍ତ ହୋଇପାରିଛି । ଏଥି ନିମନ୍ତେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସେମାନଙ୍କର ଅଶେଷ ସହଯୋଗ ଏବଂ ଜିଲ୍ଲାର ସମସ୍ତ କୋଭିଡ୍ ଯୋଦ୍ଧାମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠା ଓ ସମର୍ପିତ ସେବା ମନୋଭାବ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ଏହି ସମୟରେ ଆଗାମୀ ଦିନରେ ଏହି ସ୍ଥିତି ବଜାୟ ରଖି ଢେଙ୍କାନାଳ ଜିଲ୍ଲାକୁ କରୋନା ମୁକ୍ତ ରଖିବା ନିମନ୍ତେ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କର ସହଯୋଗ କାମନା କରିବା ସହିତ କୋଭିଡ୍ ନୀତି ନିୟମ ପାଳନ ପୂର୍ବକ ସର୍ବସାଧାରଣ ମାସ୍କ ବ୍ୟବହାର, ସାମାଜିକ ଦୂରତା ବଜାୟ ରଖି ଅଯଥାରେ ଜନ ସମାଗମ ନ କରିବାକୁ ଏବଂ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ।

— x —

ସ୍ୱା. ୨୪/୦୬/୨୧
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ